# ସ୍ଥାନୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ସହ ଫ୍ଲିପ୍‌କାର୍ଟର ସହଭାଗିତା

*. ଫ୍ଲିପ୍‌କାର୍ଟର ସମର୍ଥ ଅଭିଯାନର ଅଂଶ ଭାବେ ଦୁଇ ପକ୍ଷଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି*

*. ଓଡିଶାର ପ୍ରତିଷ୍ଠିତ ବ୍ରାଣ୍ଡ ଯେପରିକି ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ଫ୍ଲିପ୍‌କାର୍ଟ ମାର୍କେଟ୍‌ପ୍ଲେସ୍‌ରେ ନିଜର ଷ୍ଟୋର୍ ଖୋଲିବେ*

ଭୁବନେଶ୍ୱର, ୧୫ ଜୁଲାଇ ୨୦୨୦: ଭାରତର ଘରୋଇ ଇ-କମର୍ସ ମାର୍କେଟ୍‌ପ୍ଲେସ୍, ଫ୍ଲିପ୍‌କାଟ ପକ୍ଷରୁ ଓଡିଶାର କଳା, ହସ୍ତଶିଳ୍ପ ଓ ହସ୍ତତନ୍ତକୁ ଇ-କମର୍ସ କ୍ଷେତ୍ରକୁ ଆଣି ତାହାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ।

ଫ୍ଲିପ୍‌କାର୍ଟ ସମର୍ଥ କାର୍ଯ୍ୟକ୍ରମ ଅଧୀନରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭ୍‌ଲପ୍‌ମେଂଟ୍ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍ (ଏସ୍‌ଆଇଡିଏସି) ସହିତ ଏହି ସହଭାଗିତା ଓଡିଶାର ସ୍ଥାନୀୟ କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କୁ ନିଜର ହଲ୍‌ମାର୍କ ଉତ୍ପାଦ ଗୁଡିକୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ କରିବ । ଉଭୟ ଏସ୍‌ଆଇଡିଏସି ଓ ଫ୍ଲିପ୍‌କାର୍ଟ ସମାଜର ଅଣସଂରକ୍ଷିତ ବର୍ଗର ଲୋକମାନଙ୍କ ପାଇଁ ବାଣିଜ୍ୟ ସୁଯୋଗ ଓ ବ୍ୟବସାୟ ବୃଦ୍ଧି ପାଇଁ ନୂତନ ମାର୍ଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ, ଯାହାଫଳରେ ମେଡ୍ ଇନ୍ ଇଣ୍ଡିଆ ପ୍ରୟାସକୁ ଅଧିକ ଉତ୍ସାହ ଓ ପ୍ରୋତ୍ସାହନ ମିଳିବ ।

ଏହି ଚୁକ୍ତିନାମାର ଏକ ଅଂଶ ଭାବେ ଫ୍ଲିପ୍‌କାର୍ଟ ପ୍ରତିଷ୍ଠିତ ସ୍ଥାନୀୟ ଓଡିଆ ବ୍ରାଣ୍ଡ ଯେପରିକି ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ଉଦ୍ୟୋଗଗୁଡିକ ସହ କାର୍ଯ୍ୟ କରିବ, ଯେଉଁମାନେ କି ରାଜ୍ୟ ସରକାରଙ୍କ ସହ ଜଡିତ ବ୍ୟକ୍ତିଗତ ମାଷ୍ଟର କାରିଗର ଓ ବୁଣାକାରଙ୍କ ବ୍ୟତୀତ ଓଡିଶାର ସର୍ବୋତମ ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ସ୍ଥାନୀୟ କାରିଗର ଓ ବୁଣାକାରମାନଙ୍କ ସହ କାମ କରୁଛନ୍ତି ।

ଏହି ଚୁକ୍ତିନାମା ସମ୍ପର୍କରେ ମତରଖି ଓଡିଶା ସରକାରଙ୍କ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ, ଶ୍ରୀ କୈଳାଶ ଚନ୍ଦ୍ର ସାହୁ କହିଛନ୍ତିଯେ, "ଫ୍ଲିପ୍‌କାର୍ଟ ସହିତ ସହବନ୍ଧିତା ଦ୍ୱାରା ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇପାରିବ, ଯାହାକି ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ । ଫ୍ଲିପ୍‌କାର୍ଟ ସହାୟତାରେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାରିଗର ଯେଉଁମାନେକି ଓଡ଼ିଶାର ଅପହଂଚ ଅଂଚଳରେ ବସବାସ କରୁଛନ୍ତି, ସେମାନେ ବର୍ତ୍ତମାନ ସମଗ୍ର ଭାରତରେ ସେମାନଙ୍କ ଉତ୍ପାଦ ବିକ୍ରୟ ପାଇଁ ଏକ ଉତ୍କୃଷ୍ଟ ବଜାର ସୁଯୋଗ ପାଇପାରିବେ । ଏହି ସହଭାଗିତା ଆହୁରୀ ମଧ୍ୟ କାରିଗର ମାନଙ୍କୁ ସେମାନଙ୍କ ଆଂଚଳିକ ସଂସ୍କୃତି ଏବଂ ହଲମାର୍କ ଉତ୍ପାଦକୁ ପ୍ରଦର୍ଶନ କରିବା ସମୟରେ ବ୍ରାଣ୍ଡିଂ, ଡ଼ିଜିଟାଲ ମାର୍କେଟିଂ ଏବଂ ଆର୍ଥିକ ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିବ ।"

ସେହିପରି ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ଚିଫ୍ କର୍ପୋରେଟ୍ ଆଫାୟାର୍ସ ଅଫିସର, ରଜନିସ କୁମାର କହିଛନ୍ତିଯେ, "ଆମେ ରାଜ୍ୟର ଐତିହ୍ୟକୁ ଆମ ପ୍ଲାଟ୍‌ଫର୍ମକୁ ଆଣିବା ସହିତ ରାଜ୍ୟର କାରିଗର ଓ ବୁଣାକାରମାନଙ୍କୁ ନିଜ ସ୍ୱପ୍ନକୁ ପୂରା କରିବା ଓ ସର୍ବଭାରତୀୟ ସ୍ତରରେ ନିଜ ବ୍ୟବସାୟର ବିସ୍ତାର କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବା ଲାଗି ଓଡିଶା ସରକାରଙ୍କ ସହିତ ହାତ ମିଳାଇ ଖୁବ୍ ଆନନ୍ଦିତ ଅଛୁ । ବର୍ତମାନର ସମୟ ଖୁବ୍ ଆହ୍ୱାନପୂର୍ଣ୍ଣ ଏବଂ ଏକ ଘରୋଇ ପ୍ଲାଟ୍‌ଫର୍ମ ଭାବେ ଆମେ ବିଶ୍ୱାସ କରୁ ଯେ, ସ୍ଥାନୀୟ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଓ ସେଗୁଡିକୁ ଇକୋସିଷ୍ଟମ ସହଭାଗିତା ମାଧ୍ୟମରେ ପରିବର୍ତନ କରିବା ଆମର ଦାୟିତ୍ୱ ଅଟେ । ଏହି ଚୁକ୍ତି ରାଜ୍ୟରେ ହଜାର ହଜାର ହସ୍ତତନ୍ତ କାରିଗର, ବୁଣାକାର ଓ ଶିଳ୍ପୀମାନଙ୍କ ପାଇଁ ଫ୍ଲିପ୍‌କାର୍ଟ ସମର୍ଥର ଲାଭ ଆଣିଦେବ ।"

ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ଶୁଭାରମ୍ଭ ପରଠାରୁ ଫ୍ଲିପ୍‌କାର୍ଟ ସମର୍ଥ ଦେଶର ଗ୍ରାମାଂଚଳ ଓ ଅଣସଂଗଠିତ ସମାଜ ମଧ୍ୟରେ କ୍ଷମତା ନିର୍ମାଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଆଜି ଏହା ଦେଶବ୍ୟାପୀ ୫ ଲକ୍ଷରୁ ଅଧିକ କାରିଗର, ବୁଣାକାର ଓ କ୍ଷୁଦ୍ର ଶିଳ୍ପଗୁଡିକର ଜୀବିକାକୁ ସପୋର୍ଟ କରୁଛି । ଫ୍ଲିପ୍‌କାର୍ଟ ସମର୍ଥ କାର୍ଯ୍ୟ ପୁଞ୍ଜିର ଅଭାବ, ଦୁର୍ବଳ ଭିତିଭୂମି ଓ ଅପର୍ଯ୍ୟାପ୍ତ ତାଲିମ ଆଦି ବାଧାବିଘ୍ନର ସମ୍ମୁଖୀନ ହେଉଥିବା ମହିଳା ଉଦ୍ୟୋଗୀ, ଦିବ୍ୟାଙ୍ଗ ଉଦ୍ୟୋଗୀ, କାରିଗର, ଓ ବୁଣାକାର ଆଦିଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ବହୁସଂଖ୍ୟକ ଗ୍ରାମୀଣ ଉଦ୍ୟୋଗୀମାନଙ୍କ ନିକଟରେ ପହଂଚିବା ପାଇଁ ଦେଶର ପ୍ରତିଷ୍ଠିତ ଏନ୍‌ଜିଓ, ସରକାରୀ ସଂସ୍ଥା ଓ ଜୀବିକା ମିଶନଗୁଡିକ ସହ ମିଶି କାର୍ଯ୍ୟ କରୁଛି । ଫ୍ଲିପ୍‌କାର୍ଟ ଏହି ଗୋଷ୍ଠୀଗୁଡିକର ସମସ୍ୟାର କାରଣ ଓ ଆକାଂକ୍ଷାଗୁଡିକୁ ଆକଳନ କରିପାରିଛି ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଏବଂ ସେମାନଙ୍କ ପାଇଁ ନିଜ ସାମଗ୍ରୀକୁ ତାଲିକାଭୁକ୍ତ କରିବା ଓ ଅନ୍‌ଲାଇନ୍ ବିକ୍ରି କରିବା ସହଜ କରିବା ଲାଗି ଫ୍ଲିପ୍‌କାର୍ଟ ସମର୍ଥର ଡିଜାଇନ୍ କରିଛି ।

**ଫ୍ଲିପ୍‌କାର୍ଟ ଗ୍ରୁପ୍ ସମ୍ପର୍କରେ**

ଫ୍ଲିପ୍‌କାର୍ଟ ଗ୍ରୁପ୍ ହେଉଛି ଦେଶର ଅଗ୍ରଣୀ ଡିଜିଟାଲ ବାଣିଜ୍ୟିକ ସଂସ୍ଥା ଏବଂ ଏଥିରେ ଫ୍ଲିପ୍‌କାର୍ଟ, ମିନ୍ତ୍ରା ଓ ଫୋନ୍‌ପେ ଆଦି ଗ୍ରୁପ୍ କମ୍ପାନୀଗୁଡିକ ସାମିଲ ରହିଛନ୍ତି । ୨୦୦୭ରେ ଆରମ୍ଭ ହୋଇଥିବା ଫ୍ଲିପ୍‌କାର୍ଟ ଲକ୍ଷ ଲକ୍ଷ ଗ୍ରାହକ, ବିକ୍ରେତା, ବ୍ୟବସାୟୀ ଓ କ୍ଷୁଦ୍ର ବ୍ୟବସାୟଗୁଡିକ ଭାରତର ଇ-କମର୍ସ କ୍ରାନ୍ତିର ଅଂଶ ହେବା ପାଇଁ ସକ୍ଷମ କରିଥିବା ବେଳେ ୨୦୦ ମିଲିୟନରୁ ଅଧିକ ଏକ ପଞ୍ଜୀକୃତ ଗ୍ରାହକ ଆଧାର ସହିତ ୮୦ରୁ ଅଧିକ ବର୍ଗରେ ୧୫୦ ମିଲିୟନରୁ ଅଧିକ ଉତ୍ପାଦ ଡେଲିଭର କରୁଛି । ଭାରତରେ ଇ-କମର୍ସକୁ ଗଣତାନ୍ତ୍ରିକ କରିବା, ପହଂଚ ଓ ସୁଲଭତାର ପରିଚାଳନା କରି, ଗ୍ରାହକଙ୍କୁ ଖୁସି ପ୍ରଦାନ କରିବା, ଇକୋସିଷ୍ଟମରେ ଲକ୍ଷ ଲକ୍ଷ ଚାକିରି ସୃଷ୍ଟି କରିବା ଏବଂ ଉଦ୍ୟୋଗୀ ଓ ଏମ୍ଏସ୍ଏମ୍ଇ କ୍ଷେତ୍ରର ପିଢିକୁ ସଶକ୍ତ କରିବା ପାଇଁ ଆମର ପ୍ରୟାସ ଆମକୁ ଅନେକ ଶିଳ୍ପ ପ୍ରଥମ ଉଦ୍ଭାବନ ପାଇଁ ପ୍ରେରିତ କରିଛି । ଫ୍ଲିପ୍‌କାର୍ଟ ଏହାର ଅଗ୍ରଗାମୀ ସେବା ଯେପରିକି କ୍ୟାଶ ଅନ୍ ଡେଲିଭରି, ନୋ କଷ୍ଟ ଇଏମ୍ଆଇ, ସହଜ ରିଟର୍ଣ୍ଣ ଓ ଗ୍ରାହକ-କୈନ୍ଦ୍ରିକ ଉଦ୍ଭାବନଗୁଡିକ ପାଇଁ ପରିଚିତ ଯାହାକି ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଅନ୍‌ଲାଇନ୍ ସପିଙ୍ଗ୍‌କୁ ଅଧିକ ପହଂଚଯୋଗ୍ୟ ଓ ସୁଲଭ କରିପାରିଛି । ଅନ୍‌ଲାଇନ୍ ଫ୍ୟାଶନ ବଜାରରେ ଏକ ମଜଭୁତ ସ୍ଥିତିରେ ଥିବା ମିଂତ୍ରା ଓ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ପେମେଂଟ୍‌ସ ପ୍ଲାଟ୍‌ଫର୍ମ ଫୋନ୍‌ପେ ସହିତ ମିଳିତ ଭାବେ ଫ୍ଲିପ୍‌କାର୍ଟ ଗ୍ରୁପ୍ ଭାରତରେ ଟେକ୍ନୋଲୋଜି ମାଧ୍ୟମରେ ବ୍ୟବସାୟର ପରିବର୍ତନକୁ ପରିଚାଳନା କରୁଛି ।

ଅଧିକ ସୂଚନା ପାଇଁ media@flipkart.com ରେ ଯୋଗାଯୋଗ କରନ୍ତୁ ।